بسم الله الرحمن الرحيم

## ୨୨ ଜୁନ୍ ୨୦୧୮ ଖୁତବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ଯେକେହି ହଜରତ ଅମାର ର.ଅଙ୍କୁ ଶତ୍ରୁ ମଣିବ ଅଲ୍ଲାଃତାଲା ତାହାଙ୍କୁ ନିଜର ଶତ୍ରୁ କରିନେବେ ଏବଂ ଯେକେହି ଅମାର ର.ଅଙ୍କୁ ଈର୍ଷା କରିବ ଅଲ୍ଲାଃତାଲା ତାହା ସହ ଈର୍ଷା ପରାୟଣ ହୋଇଯିବେ । ହଜରତ ମହମ୍ମଦ ସ.ଆଙ୍କର ମହାନ ଓ ଶ୍ରେଷ୍ଠତମ ସାହାବା ହଜରତ ଅମାର ବିନ୍ ୟାସିର ର.ଅଙ୍କ ଉତ୍ସର୍ଗ ଓ ବଳୀଦାନର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ମନମୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ଅମାର ବିନ୍ ୟାସିର୍ ହଜରତ ମହମ୍ମଦ ସ.ଆଙ୍କର ଜଣେ ପ୍ରାରମ୍ଭିକ ଓ ଉତ୍ସର୍ଗୀ ସାହାବି ଥିଲେ । ତାଙ୍କ ପିତା କହ୍‌ତାନି ବଂଶଧର ଥିଲେ । ତାଙ୍କ ପ୍ରକୃତ ଜନ୍ମଭୂମି ୟମନ (ଦେଶ) ଥିଲା । ନିଜ ଦୁଇ ଭାଇ ହାରିଶ ଓ ମାଲିକଙ୍କ ସହିତ ନିଜର ଜଣେ ଭାଇଙ୍କୁ ଖୋଜିବାକୁ ସେ ମକ୍କା ଆସିଥିଲେ । ହାରିଶ ଓ ମାଲିକ ତ ୟମନ ଫେରିଯାଇଥିଲେ କିନ୍ତୁ ହଜରତ ୟାସିର ମକ୍କାରେ ହିଁ ରହିଯାଇଥିଲେ ଏବଂ ଅବୁ ହୁଜେଫା ମଖ୍‌ଯୁମି ସହିତ ବନ୍ଧୁତା ସ୍ଥାପନ କରିଥିଲେ । ଅବୁ ହୁଜେଫା ନିଜର ଦାସୀଙ୍କ ସହ ତାଙ୍କର ବିବାହ କରିଦେଲେ ଏବଂ ସେମାନଙ୍କ ଔରସରୁ ହଜରତ ଅମାର ଜନ୍ମ ନେଇଥିଲେ । ଅବୁ ହୁଜେଫାଙ୍କ ଦେହାନ୍ତ ପର୍ଯ୍ୟନ୍ତ ହଜରତ ଅମାର ଓ ହଜରତ ୟାସିର ତାଙ୍କ ସହିତ ଥିଲେ । ଇସଲାମର ଆଗମନରେ ହଜରତ ୟାସିର, ହଜରତ ସମିୟା ଓ ହଜରତ ଅମାର ଏବଂ ତାଙ୍କ ଭାଇ ହଜରତ ଅବ୍‌ଦୁଲ୍ଲାଃ ବିନ୍ ୟାସିର ବିଶ୍ୱାସ ଆଣିନେଲେ । ହଜରତ ଅମାର କୁହନ୍ତି ମୁଁ ହଜରତ ସୋହେବ୍ ବିନ୍ ସନାନଙ୍କୁ ଦାରୁଲ୍ ଅରକମ୍‌ର ଦ୍ୱାରରେ ଭେଟିଲି ସେତେବେଳେ ହଜୁର ସ.ଆ ଦାରୁଲ୍ ଅରକମ୍‌ରେ ଥିଲେ । ମୁଁ ସୋହେବଙ୍କୁ ପଚାରିଲି ତୁମେ କେଉଁ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଛ ସେ ପ୍ରତିଉତରରେ କହିଲେ ତୁମର ଉଦ୍ଦେଶ୍ୟ କ'ଣ ? ହଜରତ ୟାସିର କହିଲେ ମୁଁ ଚାହୁଁଛି ହଜୁର ସ.ଆଙ୍କ ନିକଟରେ ବସି ତାଙ୍କ କଥା ଶୁଣିବି । ସୋହେବ୍ କହିଲେ ମୁଁ ମଧ୍ୟ ଏହି ଉଦ୍ଦେଶ୍ୟରେ ଆସିଛି । ଅମାର କୁହନ୍ତି ଆମେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲୁ ଆପଣ ଆମକୁ ଇସଲାମ ସମ୍ବନ୍ଧରେ ଅବଗତ କଲେ ଏପରି ଆମେ ଇସଲାମ ସ୍ୱୀକାର କରିନେଲୁ । ଆମେ ଦୁହେଁ ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ବସି ରହିଲୁ ତାପରେ ଲୁଚିଲୁଚି ଦାରୁଲ୍ ଅରକମ୍‌ରୁ ବାହାରି ଆସିଲୁ ।

ହଜରତ ଅମାର ବିନ ୟାସିର ମକ୍କାର ସେହି ଦୁର୍ବଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଥିଲେ ଯେଉଁମାନଙ୍କୁ ଏଥିନିମନ୍ତେ କଷ୍ଟ ଦିଆଯାଉଥିଲା କି ସେମାନେ ସ୍ୱୀକାର କରିଥିବା ଧର୍ମକୁ ବର୍ଜନ କରନ୍ତୁ । କୁରୈଶ ସେମାନଙ୍କୁ ମଧ୍ୟାନର ପ୍ରଖର ସୂର୍ଯ୍ୟକିରଣରେ କଷ୍ଟ ଦେଉଥିଲେ ଯେପରି ସେମାନେ ନିଜ ଧର୍ମ ପରିବର୍ତନ କରିନିଅନ୍ତୁ ।

ଉମର ବିନ୍ ହକମ କୁହନ୍ତି ହଜରତ ଅମାର ବିନ୍ ୟାସିର, ହଜରତ ସୋହେବ, ହଜରତ ଅବୁ ଫକିହା ଉପରେ ଏଭଳି ଅତ୍ୟାଚାର କରାଯାଉଥିଲା କି ସେମାନଙ୍କ ମୁହଁରୁ ଏପରି କଥା ବାହରୁ ଯାଉଥିଲା ଯାହାକି ସେମାନେ ଉଚିତ୍ ମଣୁନଥିଲେ । କିନ୍ତୁ ଶତ୍ରୁମାନେ ବଳ ପ୍ରୟୋଗ କରି ସେମାନଙ୍କ ତୁଣ୍ଡରୁ ତାହା ବାହାର କରିଦେଉଥିଲେ । ମହମ୍ମଦ ବିନ୍ କାବ୍ କରଜି ବର୍ଣ୍ଣନା କରିଛନ୍ତି କି ମୋତେ ଜଣେ ବ୍ୟକ୍ତି କହିଲେ କି ସେ ହଜରତ ଅମାରଙ୍କ ପିଠିରେ ଆଘାତ ଲାଗିଥିବାର ଚିହ୍ନ ଦେଖି ସେଥିସମ୍ବନ୍ଧରେ ତାଙ୍କୁ ପଚାରିଲି ଏହା କିପରି ହେଲା ? ସେ ଉତର ଦେଲେ ଏହା ପ୍ରଖର ସୂର୍ଯ୍ୟକିରଣରେ କୁରୈଶଙ୍କ ଅତ୍ୟାଚାରର ଚିହ୍ନ ଅଟେ । ଉମରୋ ବିନ୍ ମେମୁନା ବର୍ଣ୍ଣନା କରିଛନ୍ତି ଅମାନ୍ୟକାରୀମାନେ ହଜରତ ଅମାରଙ୍କୁ ଅଗ୍ନିରେ ଭସ୍ମ କରିବାକୁ ଚେଷ୍ଟା କଲେ । ହଜୁର ସ.ଆ (ଏକଦା) ହଜରତ ଅମାରଙ୍କ ନିକଟରୁ ଅତିକ୍ରମ କରୁଥିବାବେଳେ ତାଙ୍କ ମୁଣ୍ଡରେ ହାତ ବୁଲାଇ ଆଣି କହିଲେ- **ୟାନାରୁ କୁନି ବର୍‌ଦନ୍ ଓ୍ୱ ସଲାମନ୍ ଅଲା ଅମାର୍ କମାକୁନି ଅଲା ଇବ୍ରାହିମ୍** ଅର୍ଥାତ ହେ ଅଗ୍ନି ଇବ୍ରାହିମଙ୍କ ଉପରେ ଯେପରି ତୁ ଶୀତଳ ହୋଇଯାଇଥିଲୁ ଅମାର ପାଇଁ ମଧ୍ୟ ସେହିପରି ଶୀତଳ ଓ ସୁରକ୍ଷା ପ୍ରଦାନକାରୀ ସାବ୍ୟସ୍ତ ହୋଇଯା ।

ହଜରତ ଉସମାନ ବିନ୍ ଅଫାନ୍ ବର୍ଣ୍ଣନା କରନ୍ତି ମୁଁ ହଜୁର ସ.ଆଙ୍କ ସହିତ ମକ୍କାର ପାଦ ଦେଶଦେଇ ଯାତ୍ରା କରୁଥିଲି କି ଆମେ ଅବୁ ଅମାର, ଅମାର ଓ ତାଙ୍କ ମାତାଙ୍କ ନିକଟକୁ ଆସିଲୁ ସେମାନଙ୍କ ଉପରେ ଅତ୍ୟାଚାର କରାଯାଉଥିଲା । ହଜରତ ୟାସିର କହିଲେ କ'ଣ ଏପରି ସଦାସର୍ବଦା ଚାଲିଥିବ । ହଜୁର ସ.ଆ ୟାସିରଙ୍କୁ କହିଲେ ଧୈର୍ଯ୍ୟ ରଖ, ତାପରେ ହଜୁର ଦୁଆ କଲେ ହେ ଅଲ୍ଲାଃ ! ୟାସିରଙ୍କ ପରିବାରଙ୍କୁ କ୍ଷମା କର ଏବଂ ନିଶ୍ଚିତ ଭାବରେ ତୁମେ ଏପରି କରିଦେଇଛ । ଅର୍ଥାତ ଅଲ୍ଲାଃତାଲା ହଜୁର ସ.ଆଙ୍କୁ

ଏହା ଦର୍ଶାଇ ଦେଇଥିଲେ କି ସେମାନଙ୍କୁ ମୁଁ କ୍ଷମା ଦେଇସାରିଛି ।

ଗୋଟିଏ ସ୍ଥାନରେ ଲେଖାଅଛି ହଜୁର ସ.ଆ ଅମାରଙ୍କ ପରିବାରବର୍ଗଙ୍କ ନିକଟରୁ ଅତିକ୍ରମ କଲେ ସେତେବେଳେ ସେମାନଙ୍କୁ କଷଣ ଦିଆଯାଉଥିଲା ହଜୁର କହିଲେ ହେ ଅମାରଙ୍କ ପରିବାରବର୍ଗ ! ଆନନ୍ଦ ମୁଖର ହୋଇଯାଅ ମୁଁ ତୁମମାନଙ୍କୁ ବୈକୁଣ୍ଠ (ପ୍ରାପ୍ତି)ର ସୁସମ୍ବାଦ ଦେଉଅଛି ।

ହଜରତ ଅମାରଙ୍କୁ ଅମାନ୍ୟକାରୀମାନେ ପାଣିରେ ବୁଡ଼ାଇ କଷ୍ଟ ଦେଇଥିଲେ । ବିଭିନ୍ନ କିସମର କଷ୍ଟ ଦେବା ସହିତ ତାଙ୍କ ମୁଣ୍ଡକୁ ପାଣିରେ ବୁଡ଼ାଇ ପିଟୁଥିଲେ । ଆଉ ଏକ ସ୍ଥାନରେ ଲେଖାଅଛି ହଜୁର ସ.ଆ ହଜରତ ଅମାରଙ୍କୁ ସାକ୍ଷାତ କଲେ ସେତେବେଳେ ସେ କାନ୍ଦୁଥିଲେ । ହଜୁର ତାଙ୍କ ଚକ୍ଷୁରୁ ଲୁହ ପୋଛି କହିଲେ ଅମାନ୍ୟକାରୀମାନେ ତୁମକୁ ପାଣିରେ ବୁଡ଼ାଇଲେ ଏବଂ ତୁମେ ଏପରି ଏପରି କଥା କହିଲ ଯଦି ସେମାନେ ତୁମକୁ ପୁନର୍ବାର ସେହିପରି କରନ୍ତି ତେବେ ତୁମେ ତାଙ୍କୁ ସେହି କଥା କହିବ । ତାହାର ବ୍ୟାଖ୍ୟା **ସିରତୁନ୍ ନବୀନ୍**ରେ ରହିଛି ହଜରତ ମିର୍ଜା ବଶିର ଅହେମଦ ସାହେବ ବର୍ଣ୍ଣନା କରିଛନ୍ତି ଅମାର ଓ ତାଙ୍କ ପିତାମାତା ହଜରତ ୟାସିର ଓ ହଜରତ ସମିୟା ଯେ କି ଏକ ସମୟରେ ବନି ମଖଜୁମ୍‌ଙ୍କ ଦାସ ରହିଥିଲେ, ସେମାନେ ତାଙ୍କୁ ଏପରି କଷ୍ଟ ଦେଉଥିଲେ କି ତାଙ୍କ ଅବସ୍ଥା ଶୁଣିଲେ ଶରୀର ଥରି ଉଠେ । ଏକଦା ଯେତେବେଳେ ସେହି ଉତ୍ସର୍ଗୀମାନେ ଶାରୀରିକ ଯନ୍ତ୍ରଣାରେ କବଳିତ ଥିଲେ ସେହି ସମୟରେ ହଠାତ୍ ହଜୁର ସ.ଆ ତାଙ୍କ ନିକଟକୁ ଆସିଲେ, ହଜୁର ତାଙ୍କ ଆଡ଼କୁ ଚାହିଁ କରୁଣ ଶୈଳୀରେ କହିଲେ **ସବରନ୍ ଆଲେ ୟାସିର୍ ଫଇନ୍‌ମୌଇଦକୁମଲ୍ ଜନ୍ନାଃ** ଅର୍ଥାତ ହେ ୟାସିରଙ୍କ ପରିବାରବର୍ଗ ! ଧୈର୍ଯ୍ୟହରା ହୁଅ ନାହିଁ କାରଣ ତୁମର ଏହି କଷ୍ଟ ସହ୍ୟ କରିବା ପ୍ରତିବଦଳରେ ଅଲ୍ଲାଃ ତୁମ ପାଇଁ ବୈକୁଣ୍ଠ ପ୍ରସ୍ତୁତ କରି ରଖିଛନ୍ତି । ଶେଷରେ ହଜରତ ୟାସିର ଏପରି କଷ୍ଟ ସହ୍ୟ କରିକରି ଦେହ ତ୍ୟାଗ କଲେ ଏବଂ ବୃଦ୍ଧ ସମିୟାଙ୍କ ଜଙ୍ଘକୁ ଅବୁ ଜହଲ ଏପରି ଅସହିଷ୍ଣୁ ଭାବରେ ଭାଲା ମାରିଲା କି ତାହା ତାଙ୍କ ଶରୀରର ଉପରି ଭାଗରୁ ଗୁପ୍ତାଙ୍ଗ ପର୍ଯ୍ୟନ୍ତ କାଟି ଦେଲା ଏବଂ ସେହି ଅବଳା ନାରୀ ସେହିଠାରେ ଛଟପଟ ହୋଇ ଦେହ ତ୍ୟାଗ କରିଦେଲେ । ତାପରେ କେବଳ ଅମାର ରହିଯାଇଥିଲେ ତାଙ୍କୁ ମଧ୍ୟ ସେମାନେ ଅନେକ ନିର୍ଯ୍ୟାତନା ଓ ଯନ୍ତ୍ରଣା ଦେଉଥିଲେ ।

ହଜରତ ମସିହ ମଉଦ ଆ.ସ ନିଜ ପୁସ୍ତକ **ଚଶମାଏ ମାରୁଫତ୍**ରେ ଜଣେ ହିନ୍ଦୁ ପ୍ରକାଶ ଦେଓ ଜିଙ୍କ ପୁସ୍ତକ ଯାହାକି ସେ ହଜରତ ମହମ୍ମଦ ସ.ଆଙ୍କ ଜୀବନୀ ଉପରେ ଲେଖିଥିଲେ ସେଥିରୁ କିଛି ପଙ୍କ୍ତିଂ ରଚନା କରିଛନ୍ତି । ଉକ୍ତ ହିନ୍ଦୁ ଜଣକ ଲେଖିଛନ୍ତି ହଜରତ ମହମ୍ମଦଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଥିଲା ସେ ତାହା ସହ୍ୟ କରୁନେଉଥିଲେ । କିନ୍ତୁ ନିଜ ସାହାବାମାନଙ୍କ କଷ୍ଟ ଦେଖି ତାଙ୍କ ହୃଦୟ ଫାଟି ପଡୁଥିଲା । ସେହି ଅବଳାମାନଙ୍କ ଉପରେ ଅତ୍ୟାଚାରରେ ପର୍ବତ ନଇପଡ଼ିଥିଲା । ଲୋକେ ସେମାନଙ୍କୁ ଧରି ଜଙ୍ଗଲକୁ ନେଇଯାଉଥିଲେ ଏବଂ ଉଲଙ୍ଘନ କରି ଉତପ୍ତ ବାଲୁକା ବେଳାରେ ଶୁଆଇ ଦେଇ ତାଙ୍କ ଉପରେ ଓଜନିଆ ବସ୍ତୁ ଲଦିଦେଉଥିଲେ ଯଦ୍ୱାରା ସେମାନଙ୍କ ଜିଭ ବାହାରକୁ ବାହାରି ଆସୁଥିଲା । ଅନେକଙ୍କ ପ୍ରାଣ ବାୟୁ ସେହି ଅତ୍ୟାଚାର ସହ୍ୟ ନକରିପାରି ଉଡ଼ିଯାଉଥିଲା । ସେହି ଅତ୍ୟାଚାରିତମାନଙ୍କ ମଧ୍ୟରେ ଜଣେ ଅମାର ଥିଲେ, ତାଙ୍କର ଉଭୟ ହାତକୁ ବାନ୍ଧି ପଥୁରିଆ ଭୂମି ଉପରେ ଶୁଆଇ ଦେଇ ତାଙ୍କ ଛାତି ଉପରେ ପଥର ଲଦି ଦେଉଥିଲେ ଏବଂ ଆଦେଶ ଦେଉଥିଲେ କି ମହମ୍ମଦ ସ.ଆଙ୍କୁ ଗାଳି ଦିଅ ଏବଂ ସେହିପରି ନିର୍ଯ୍ୟାତନା ତାଙ୍କ ବୃଦ୍ଧ ପିତାଙ୍କୁ ମଧ୍ୟ ଦିଆଯାଉଥିଲା । ହଜରତ ୟାସିରଙ୍କ ଅତ୍ୟାଚାରିତ ପତ୍ନୀ ହଜରତ ସମିୟା ଏସବୁ ଦେଖିନପାରି ବିନମ୍ରତାର ସହିତ ସେହି କଷ୍ଟରୁ ଦୟା (ଆଚରଣ) ଭିକ୍ଷା କଲେ କିନ୍ତୁ ଉକ୍ତ ଅବଳା ନାରୀକୁ ସେମାନେ ତାଙ୍କ ସ୍ୱାମୀ ଓ ପୁତ୍ରଙ୍କ ସମ୍ମୁଖରେ ଉଲଙ୍ଘ କରାଇ ଏଭଳି ଅସହ୍ୟ ଓ ଅସଭ୍ୟ ଶୈଳୀରେ ଯନ୍ତ୍ରଣା ଦେଲେ କି ଯାହାର ଚର୍ଚ୍ଚା କରିବା ଲର୍ଯ୍ୟାଜନକ ଅଟେ । ଶେଷରେ ଉକ୍ତ ଅସହ୍ୟ ଦୁଃଖକଷ୍ଟରେ ସେହି ବିଶ୍ୱସ୍ତ ମହିଳା ଜଣକ ଦେହ ତ୍ୟାଗ କଲେ ।

ହଜୁର ଅନଓ୍ୱର ଅ.ବ କହିଲେ– ହଜରତ ମସିହ ମଉଦ ଆ.ସ ଉକ୍ତ ହିନ୍ଦୁଙ୍କର ପୁସ୍ତକର ଏହି ସାରାଂଶ ବର୍ଣ୍ଣନା କରିଛନ୍ତି ଯାହାକି ସେ ହଜୁର ସ.ଆଙ୍କ ଜୀବନୀ ଏବଂ ଆପଣଙ୍କ ସାହାବାମାନଙ୍କ ସମ୍ବନ୍ଧରେ ରଚନା କରିଛନ୍ତି ।

ହଜରତ ଅମାର ପ୍ରଥମ ବ୍ୟକ୍ତି ଥିଲେ ଯେ ଉପାସନା ନିମନ୍ତେ ନିଜ ଘରକୁ ମସଜିଦ୍ କରିଥିଲେ । ହଜରତ ଅମାର ବିନ୍ ୟାସିର୍ ମଦିନା ହିଜରତ କରିବା ପରେ ହଜରତ ମୁବଶିର୍ ବିନ୍ ଅବଦୁଲ୍ ମନଜରଙ୍କ ଘରେ ଆଶ୍ରୟ ନେଇଥିଲେ, ହଜୁର ସ.ଆ ହଜରତ ହୁଜେଫା ବିନ୍ ଅଲୟମାନ୍ ର.ଅ ଓ ହଜରତ ଅମାର ର.ଅଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । ହଜୁର ସ.ଆ ଅମାରଙ୍କୁ ଘର ତିଆରୀ କରିବା ନିମନ୍ତେ ଏକ ଜମି ପ୍ରଦାନ କରିଥିଲେ । ହଜରତ ଅବୁ ସୟିଦ ଖୁଦରୀ ର.ଅ ବର୍ଣ୍ଣନା କରିଛନ୍ତି କି ଆମେ ମସଜିଦ୍ ନବୀ ପ୍ରସ୍ତୁତ ହେବା ସମୟରେ ଗୋଟିଏ ଗୋଟିଏ ଇଟା ଉଠାଇ ଆଣୁଥିବା ବେଳେ ହଜରତ ଅମାର ଦୁଇ ଦୁଇଟା

ଇଟା ଉଠାଇ ଆଣୁଥିଲେ । ହଜୁର ସ.ଆ ତାଙ୍କ ନିକଟରେ ଅତିକ୍ରମ କଲେ ଏବଂ ତାଙ୍କ ମୁଣ୍ଡରେ ହାତ ବୁଲାଇ ଧୂଳି ସଫା କରିଦେଇ କହିଲେ ଦୁଃଖଦ ବିଦ୍ରୋହିମାନେ ତାଙ୍କୁ ହତ୍ୟା କରିଦେବେ । ଅମାର ସେମାନଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକୁଥିବେ କିନ୍ତୁ ସେମାନେ ତାଙ୍କୁ ଅଗ୍ନି ଆଡ଼କୁ ଡ଼ାକୁଥିବେ । ହଜରତ ଅମାର ଏହି ଦୁଆ କରୁଥିଲେ କି ମୁଁ ବିଭ୍ରାଟରୁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଅଛି ।

ଅବଦୁଲ୍ଲାଃ ବିନ୍ ଅବି ହଜିଲ୍ ବର୍ଣ୍ଣନା କରିଛନ୍ତି ଯେତେବେଳେ ହଜୁର ସ.ଆ ନିଜର ମସଜିଦ୍ ପ୍ରସ୍ତୁତ କଲେ ସେତେବେଳେ ପ୍ରତ୍ୟେକ ଗୋଷ୍ଠୀ ଇଟା ପଥର ଖୋଜୁଥିବା ବେଳେ ହଜୁର ସ.ଆ ତଥା ହଜରତ ଅମାର ମଧ (ଇଟା) ଖୋଜୁଥିଲେ ଏବଂ ହଜରତ ଅମାର ଏହି ପଙ୍କ୍ତିଂ ଆବୃର୍ତି କରୁଥିଲେ **ନହ୍‌ନୁ ମୁସଲେମୁନ୍ ନବନଲ୍ ମସଜିଦ୍** ଅର୍ଥାତ ଆମେ ମୁସଲମାନ ଅଟୁ ଯେ ମସଜିଦ୍ ତିଆରୀ କରିଥାନ୍ତି । କେତେକ ଲୋକ କହିଲେ ଆଜି ଅମାର ନିଶ୍ଚିତ ରୂପେ ଇହନିଳା ତ୍ୟାଗ କରିଦେବେ କାରଣ ସେ ବର୍ତମାନ ରୋଗ ମୁକ୍ତ ହୋଇଛନ୍ତି ଏବଂ ବେଶ୍ ଦୁର୍ବଳ ଥିବା ସତ୍ୱେ ଅତ୍ୟଧିକ କାମ କରୁଛନ୍ତି । ହଜୁର ସ.ଆ ଏହା ଶୁଣିବା ପରେ ହଜରତ ଅମାରଙ୍କ ହାତରୁ ଇଟା ରଖିଦେଇ କହିଲେ ତୁମେ ଯାଇ ବିଶ୍ରାମ କର । ହଜୁର ଅନଓ୍ୱର ଅ.ବ କହିଲେ- ଅତ୍ୟନ୍ତ ଦୁର୍ବଳତା ସତ୍ୱେ ସେମାନେ ସେବା କରିବାରୁ ବଂଚିତ ରହୁନଥିଲେ ।

ହଜରତ ଅମାର ବିନ୍ ୟାସିର ବଦର, ଓ୍ୱହଦ, ଖନ୍ଦକ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ଥିଲେ ଓ ବୟତେ ରିଜଓ୍ୱାନ୍‌ରେ ମଧ ସାମିଲ୍ ଥିଲେ ।

ହଜରତ ହକମ୍ ବିନ୍ ଅତିବାଃ ବର୍ଣ୍ଣନା କୁହନ୍ତି କି ହଜୁର ସ.ଆ (ହିଜରତ୍ କରି) ଯେତେବେଳେ ମଦିନା ଆସିଲା ସେତେବେଳେ ସକାଳ ସମୟ ହୋଇଥିଲା । ହଜରତ ଅମାର କହିଲେ ହଜୁର ସ.ଆଙ୍କ ନିମନ୍ତେ ଏପରି ଏକ ସ୍ଥାନ ଚୟନ କର ଯେଉଁଠାରେ ଛାୟା ରହୁଥିବ ଯଦ୍ୱାରା ଆପଣ ବିଶ୍ରାମ ନେବେ ତଥା ନମାଜ ପାଠ କରିପାରିବେ । ଅତଏବ ହଜରତ ଅମାର କିଛି ପଥର ଜମା କଲେ ଏବଂ ମସଜିଦ୍ କବାର ଭିତି ସ୍ଥାପନ କଲେ । ତାହା ଥିଲା ସର୍ବପ୍ରଥମ ମସଜିଦ୍ ଯାହାକି ହଜରତ ଅମାର ନିର୍ମାଣ କରିଥିଲେ । ହଜରତ ଇବନେ୍ ଉମର କୁହନ୍ତି ମୁଁ ୟମାମା ଯୁଦ୍ଧରେ ହଜରତ ଅମାରଙ୍କୁ ଦେଖିଲି ଯେ ଏକ ଉଚ୍ଚ ପାହାଡ଼ିଆ ସ୍ଥାନରେ ଛିଡ଼ା ହୋଇ ମୁସଲମାନମାନଙ୍କୁ ଡ଼ାକୁଥିଲେ, ହେ ମୁସଲମାନମାନଙ୍କ ଦଳ କ'ଣ ତୁମେ ଜନ୍ନତ (ପ୍ରାପ୍ତ) କରିବାରୁ ବଂଚିତ ରହିବାକୁ ଚାହୁଁଛ । ସେ ଆହୁରି କହୁଥାନ୍ତି ମୁଁ ଅମାର ବିନ୍ ୟାସିର ଆସ ମୋ ନିକଟକୁ ଆସ । ସେ ବେଶ୍ ସାହସୀ ଓ ନିର୍ଭୀକ ପୁରୁଷ ଥିଲେ । ହଜରତ ଇବନେ୍ ଉମର କୁହନ୍ତି ମୁଁ ତାଙ୍କର ଏକ କାନ କଟିଯାଇ ଲଟକି ଥିବାର ଦେଖିବାକୁ ପାଇଲି ତଥାପି ସେ ଲଢୁଥାନ୍ତି । ତାରିକ ବିନ୍ ଶହାବ କୁହନ୍ତି ବନୁ ତମିମର ଜଣେ ବ୍ୟକ୍ତି ତାଙ୍କ କାନ କଟି ଯାଇଥିବାର ପରିହାସ କଲା । ହଜରତ ଅମାର ତାକୁ କହିଲେ ତୁମେ ମୋର ଉତକୃଷ୍ଟତମ କାନର ପରିହାସ କରୁଅଛ । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ ବର୍ଣ୍ଣନା କରିଛନ୍ତି କି ମୁଁ ହଜରତ ଅମାରଙ୍କ ସହ କୌଣସି ବିଷୟରେ ଆଲୋଚନା କରିବା ସମୟରେ ତାଙ୍କୁ କଠୋର ଭାଷା କହିଦେଲି । ହଜରତ ଅମାର ମୋର ଅଭିଯୋଗ ନେଇ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ ମୁଁ ମଧ ସେଠାରେ ପହଂଚିଗଲି ଏବଂ ସେ ହଜୁର ସ.ଆଙ୍କୁ ମୋର ଅଭିଯୋଗ କରିବା ସମୟରେ ମଧ ମୁଁ କଠୋରତା ପ୍ରଦର୍ଶନ କଲି । ହଜୁର ସ.ଆ ନିରବତାର ସହିତ ବସିଥିଲେ । ହଜରତ ଅମାର ଅଶ୍ରୁ ଝରାଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଖାଲିଦ୍‌ଙ୍କ ଆଚରଣ ଦେଖୁ ନାହାନ୍ତି ହଜୁର ସ.ଆ ନିଜ ମସ୍ତକ ଉଠାଇ କହିଲେ **ଯେକେହି ହଜରତ ଅମାର ର.ଅଙ୍କୁ ଶତ୍ରୁ ମଣିବ ଅଲ୍ଲାଃତାଲା ତାହାକୁ ନିଜର ଶତ୍ରୁ କରିନେବେ ଏବଂ ଯେକେହି ଅମାର ର.ଅଙ୍କୁ ଈର୍ଷା କରିବ ଅଲ୍ଲାଃତାଲା ତାହା ସହ ଈର୍ଷା ପରାୟଣ ହୋଇଯିବେ** । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ କୁହନ୍ତି ସେତେବେଳେ ମୋତେ ସମଗ୍ର ସଂସାରରେ ଆ'ଠାରୁ ବଳି କୌଣସି ଜିନିଷ ପ୍ରିୟ ନଥିଲା କି କୌଣସି ପ୍ରକାରରେ ହଜରତ ଅମାର ମୋ ଉପରେ ସନ୍ତୁଷ୍ଟ ହୋଇଯାନ୍ତୁ । ସେ କୁହନ୍ତି ମୁଁ ହଜରତ ଅମାରଙ୍କ ସହ ସାକ୍ଷାତ କରି ତାଙ୍କୁ କ୍ଷମା ମାଗିଲି ଏବଂ ସେ ମୋ ଉପରେ ପ୍ରସନ୍ନିତ ହୋଇଗଲେ ।

ହଜରତ ଅଲ୍ଲୀ ର.ଅ ବର୍ଣ୍ଣନା କରିଛନ୍ତି ମୁଁ ହଜୁର ସ.ଆଙ୍କ ନିକଟରେ ବସିଥିଲି ଏତିକିବେଳେ ହଜରତ ଅମାର ବିନ୍ ୟାସିର ଭିତରକୁ ଆସିବାର ଅନୁମତି ମାଗିଲେ । ହଜୁର ସ.ଆ ଅନୁମତି ଦେଇ କହିଲେ ସ୍ୱଚ୍ଛ ଓ ପବିତ୍ର ବ୍ୟକ୍ତି ଆପଣଙ୍କୁ ସ୍ୱାଗତ । ହଜୁର ସ.ଆ ତାଙ୍କୁ ଏପରି ସମ୍ମାନ ପ୍ରଦାନ କରୁଥିଲେ ।

ହଜରତ ଉମର ବିନ୍ ଶରହବିଲ୍ ର.ଅ ବର୍ଣ୍ଣନା କରନ୍ତି ହଜୁର ସ.ଆ କହିଲେ ଅମାର ବିନ୍ ୟାସିରଙ୍କ ପ୍ରତ୍ୟେକ ଶିରାପ୍ରଶିରାରେ ବିଶ୍ୱାସ ଭରି ରହିଛି । ହଜରତ ଅମାର ବିନ୍ ୟାସିରଙ୍କ ଗଣନା ସେହି ଲୋକମାନଙ୍କ ମଧରେ ହୋଇଥାଏ ଯାହାଙ୍କୁ ଅଲ୍ଲାଃତାଲା ଶୈତାନ କବଳରୁ ସୁରକ୍ଷା ପ୍ରଦାନ କରିଛନ୍ତି ।

ହଜରତ ଉମର ଏକଦା ହଜରତ ଅମାର ବିନ୍ ୟାସିରଙ୍କୁ କୁଫାର ମୁଖିଆ କରିଥିଲେ ଏବଂ କୁଫାବାସୀଙ୍କୁ ନିମ୍ନ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କି ମୁଁ ଅମାର ବିନ୍ ୟାସିରଙ୍କୁ ଅମିର ଏବଂ ଇବ୍‌ନେ ମସଉଦ୍‌ଙ୍କୁ ମୌଲିମ୍ ଓ ମନ୍ତ୍ରୀ କରି ପ୍ରେରଣ କରୁଅଛି । ବୟତୁଲ୍ ମାଲର ବ୍ୟବସ୍ଥାର କର୍ତବ୍ୟ ମଧ୍ୟ ଇବ୍‌ନେ ମସଉଦ୍ ନିର୍ବାହ କରିବେ । ଏହି ଦୁଇ ଜଣ ହଜରତ ମହମ୍ମଦ ସ.ଆଙ୍କ ସେହି ସମ୍ମାନନୀୟ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେ ବଦର ଯୁଦ୍ଧରେ ସାମିଲ ଥିଲେ ତେଣୁ ଏମାନଙ୍କ ଅନୁସରଣ ଓ ଆଦେଶ ପାଳନ କର ।

ହଜରତ ଉସମାନ ର.ଅଙ୍କ ବିରୁଦ୍ଧରେ ବିଭ୍ରାଟ ସୃଷ୍ଟି କରୁଥିବା ଅମାନ୍ୟକାରୀ ଓ ବିଦ୍ରୋହିମାନେ ଯେତେବେଳେ ମଦିନାରେ ବିଶୃଙ୍ଖଳା ସୃଷ୍ଟି କଲେ ସେତେବେଳେ ନିଜ ନମ୍ରତା ଯୋଗୁଁ ହଜରତ ଅମାର ବିନ୍ ୟାସିର ମଧ୍ୟ ସେମାନଙ୍କ ଛଳନାରେ ଫସିଗଲେ ଯଦିଓ ସେ ବିଦ୍ରୋହିମାନଙ୍କ କୌଣସି ପ୍ରକାର ଷଡ଼ଯନ୍ତ୍ରରେ ସାମିଲ ନଥିଲେ । ଏହି ଦୃଷ୍ଟିରୁ ସେହି ବିଦ୍ରୋହିମାନଙ୍କ ଅପକର୍ମରୁ ସେ ପବିତ୍ର ଥିଲେ ।

ହଜରତ ଅଲ୍ଲୀଙ୍କ ଖିଲାଫତ୍ ସମୟରେ ହଜରତ ଅମାର ତାଙ୍କ ସହିତ ଥିଲେ ଏବଂ ତାଙ୍କ ସହ ଜମଲ ଓ ସଫିନ୍ ଯୁଦ୍ଧରେ ସାମିଲ ଥିଲେ । ଅବୁ ଅବଦୁର୍ ରହେମାନ ସଲମି କୁହନ୍ତି ସଫିନ୍ ଯୁଦ୍ଧରେ ଆମ୍ଭେ ହଜରତ ଅଲ୍ଲୀଙ୍କ ସହିତ ଥିଲୁ ମୁଁ ହଜରତ ଅମାର ବିନ୍ ୟାସିରଙ୍କୁ ଦେଖିଲି ଯେ, ସେ ଯେଉଁ ଦିଗକୁ ଯାଉଥିଲେ ହଜୁର ସ.ଆଙ୍କ ସାହାବାମାନେ ତାଙ୍କୁ ଅନୁସରଣ କରୁଥିଲେ ଯେପରି ସେ ସେମାନଙ୍କ ପାଇଁ ଏକ ଧ୍ୱଜା ସ୍ୱରୂପ ଥିଲେ । ଅବୁ ବଖ୍‌ତରୀ କୁହନ୍ତି ସଫିନ୍ ଯୁଦ୍ଧରେ ହଜରତ ଅମାର ବିନ୍ ୟାସିର କହିଲେ ମୋ ପାଇଁ ଖିର ଆଣ କାରଣ ହଜୁର ସ.ଆ ମୋତେ କହିଥିଲେ ତୁମେ ଏହି ସଂସାରରୁ ବିଦାୟ ନେବା ପୂର୍ବରୁ ଖିର ପାନ କରିବ । ଅତଏବ ହଜରତ ଅମାର ଖିର ପାନ କଲେ ତାପରେ ଆଗକୁ ବଢି ଲଢିବା ଅବସ୍ଥାରେ ଶହିଦ ହୋଇଗଲେ । ସେ ଉକ୍ତ ଯୁଦ୍ଧରେ କହିଥିଲେ ବୈକୁଣ୍ଠ ଖଣ୍ଡାର ଧାର ତଳେ ରହିଛି ଏବଂ ତୃଷ୍ଣାରେ ବିଭୋର ବ୍ୟକ୍ତି ଝରଣା ନିକଟରେ ପହଂଚିଯିବ । ଆଜି ମୁଁ ନିଜ ପ୍ରିୟଜନ ହଜରତ ମହମ୍ମଦ ସ.ଆ ଓ ଆପଣଙ୍କ ଦଳ ସହ ସାକ୍ଷାତ କରିବି । ହଜରତ ଅମାର ବିନ୍ ୟାସିରଙ୍କୁ ଅବୁଓ୍ୱାଦ ମଦନୀ ଶହିଦ କରିଥିଲେ । ସେ ତାଙ୍କୁ ବର୍ଚ୍ଛା ମାରିଲେ ଯଦ୍ୱାରା ସେ ତଳେ ପଡ଼ିଗଲେ ତାପରେ ଆଉ ଜଣେ ବ୍ୟକ୍ତି ତାଙ୍କ ଉପରେ ଆକ୍ରମଣ କରି ତାଙ୍କ ଶିର କାଟିଦେଲା, ତାପରେ ସେ ଦୁହେଁ ଝଗଡ଼ା କରି ମାୱିୟାଙ୍କ ନିକଟରେ ପହଂଚିଲେ । ଉଭୟେ କହୁଥିଲେ କି ମୁଁ ଅମାରଙ୍କୁ ହତ୍ୟା କରିଛି । ହଜରତ ଉମର ବିନ୍ ଆସ୍ ଯେ କିଛି ଭୁଲ ଧାରଣା ବଶତଃ ମାୱିୟାଙ୍କ ସାଥିରେ ଥିଲେ କିନ୍ତୁ ପୁଣ୍ୟବନ୍ତ ଥିଲେ ଯାହାକି ତାଙ୍କର ଏହି କଥନରୁ ପ୍ରକାଶ ପାଉଛି । ହଜରତ ଉମର ବିନ୍ ଆସ୍ କହିଲେ ଅଲ୍ଲାଃଙ୍କ ରାଣ ସେ ଦୁହେଁ କେବଳ ନର୍କ (ପ୍ରାପ୍ତି) ନିମନ୍ତେ ଝଗଡ଼ା କରୁଥିଲେ । ଯେତେବେଳେ ସେ ଦୁହେଁ ପ୍ରତ୍ୟାବର୍ତନ କଲେ ସେତେବେଳେ ମାୱିୟା ହଜରତ ଉମରୋ ବିନ୍ ଆସ୍‌ଙ୍କୁ କହିଲେ ଲୋକେ ଆମମାନଙ୍କ ପାଇଁ ନିଜ ପ୍ରାଣବଳୀ ଦେଲେ ଏବଂ ତୁମେ ଏହି ଦୁଇ ଜଣଙ୍କୁ କହୁଛ କି ତୁମେମାନେ ନର୍କ ପାଇଁ ଝଗଡ଼ା କରୁଅଛ । ହଜରତ ଉମରୋ କହିଲେ ଅଲ୍ଲାଃଙ୍କ ରାଣ ଏହା ହିଁ ସତ୍ୟ ଏବଂ ଏକଥା ତୁମେ ମଧ୍ୟ ଜାଣ ଓ ମୋତେ ଏହା ଅପେକ୍ଷା ଏକଥା ଅଧିକ ପସନ୍ଦ କି ମୁଁ ଏହି ଘଟଣାର ୨୦ବର୍ଷ ପୂର୍ବରୁ ମରି ଯାଇଥାନ୍ତିକି ଯଦ୍ୱାରା ଏପରି ଅବସର ହିଁ ଆସିନଥାନ୍ତା କି ଆମେ ପରସ୍ପର ସହ ଝଗଡ଼ା କରୁଥାନ୍ତେ ।

ହଜରତ ଅମାରଙ୍କ ଦେହାନ୍ତ ହଜରତ ଅଲ୍ଲୀଙ୍କ ଖିଲାଫତ୍‌ର ସମୟରେ ଅର୍ଥାତ ସଫିନ୍ ଯୁଦ୍ଧ ଯାହାକି ୩୭ ହିଜରୀରେ ୯୪ବର୍ଷ ବୟସରେ ଘଟିଲା । ୟହିୟା ବିନ୍ ଆବିସ ବର୍ଣ୍ଣନା କରିଛନ୍ତି ଯେତେବେଳେ ହଜରତ ଅମାର ବିନ୍ ୟାସିରଙ୍କୁ ଶହିଦ୍ କରାଗଲା । ସେତେବେଳେ ସେ କହିଥିଲେ ମୋତେ ମୋ ପରିହିତ ବସ୍ତ୍ରରେ କବର ଦେବ କାରଣ ମୁଁ ପ୍ରଶଂସିତ ହେବି । ହଜରତ ଅଲ୍ଲୀ ହଜରତ ଅମାର ବିନ୍ ୟାସିର ଓ ହାଶିମ ବିନ୍ ଉତବାଃଙ୍କ ନମାଜ ଜନାଯାଃ ପାଠ କରାଇଲେ, ହଜରତ ଅମାରଙ୍କୁ ଆପଣ ନିଜ ନିକଟରେ ରଖିଲେ ଓ ହାଶିମ୍‌ଙ୍କୁ ତାଙ୍କ ଆଗରେ ରଖି ଉଭୟଙ୍କ ପାଇଁ ଥରକରେ ପାଂଚ, ଛ ଅବା ସାତ ଥର ତକବିର୍ କହିଲେ ।

ତେବେ ଏମାନେ ଥିଲେ ସେହି ସାହାବି ଯେ ସତ୍ୟର ପ୍ରତିଷ୍ଠା ନିମନ୍ତେ ଯୁଦ୍ଧରେ ଯୋଗଦେଇ ନିଜ ପ୍ରାଣର ଆହୁତି ଦେଇଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରନ୍ତୁ ।